ଆୟୁର୍ବେଦିକ କଲେଜର ଅଧକ୍ଷ ଏବଂ ଅନ୍ୟମାନେ

ବନାମ

ସୁଶୀଲ ଚନ୍ଦ୍ର ମିଶ୍ର ଏବଂ ଅନ୍ୟଜଣେ

ମେ 23, 2006

[ଡକ୍ଟର ଏ.ଆର୍. ଲକ୍ଷ୍ମଣନ୍ ଏବଂ ଲୋକେଶ୍ୱର ସିଂ ପଣ୍ଡା, ନ୍ୟାୟମୂର୍ତ୍ତିଦ୍ୱୟ] ସେବା ଆଇନ:

*ସେବା ସମାପ୍ତି-ପୁନଃନିଯୁକ୍ତି ପାଇଁ ଦାବି-ତଥ୍ୟ ଅନୁଯାୟୀ, ନିର୍ଣ୍ଣୟ ହେଲା, ଯେହେତୁ କର୍ମଚାରୀ ଅବସର ଗ୍ରହଣ କରିସାରିଛନ୍ତି, ପୁନଃନିଯୁକ୍ତିର ପ୍ରଶ୍ନ ଉଠେନାହିଁ- ମକଦ୍ଦମାରେ ହୋଇଥିବା ବିଳମ୍ବ ପାଇଁ ନିଯୁକ୍ତିଦାତା କିମ୍ବା କର୍ମଚାରୀଙ୍କୁ ଦାୟୀ କରାଯାଇପାରିବ ନାହିଁ-ଯଦି କର୍ମଚାରୀଙ୍କୁ 30.11.1987 ରୁ ଅବସରକାଳୀନ ତାରିଖ ପର୍ଯ୍ୟନ୍ତ ଦରମାର 50% ପ୍ରଦାନ କରାଯାଏ, ତେବେ ନ୍ୟାୟର ଲକ୍ଷ୍ୟପୂରଣ ହେବ ।*

**ଉତ୍ତରଦାତା ସଂଖ୍ୟା 1ଙ୍କୁ ଏକ ଆୟୁର୍ବେଦିକ କଲେଜରେ 'ବିଜ୍ଞାନ ବିଷୟ'ରେ ଅଧ୍ୟାପକ ଭାବରେ ନିଯୁକ୍ତି ଦିଆଯାଇଥିଲା । 1971-72 ମସିହାରେ, ବିଜ୍ଞାନ ବିଭାଗ ବନ୍ଦ କରିଦିଆଗଲା ଏବଂ ବିଜ୍ଞାନ ଅଧ୍ୟାପକ ପଦବୀକୁ ଉଚ୍ଛେଦ କରାଗଲା, ଏବଂ 6.6.1972 ତାରିଖର ଆଦେଶ ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1ଙ୍କ ସେବାକୁ ସମାପ୍ତ କରାଗଲା । ଏହି ସେବା ସମାପ୍ତି ଆଦେଶ ବିରୁଦ୍ଧରେ, ଉତ୍ତରଦାତା ସଂଖ୍ୟା 1, 28.8.1972 ରେ ଏକ ନିବେଦନ କରିଥିଲେ । 10.10.1974ରେ, କଲେଜକୁ ସରକାରୀ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା ଏବଂ କଲେଜର କର୍ମଚାରୀମାନଙ୍କୁ ସରକାରୀ ଚାକିରିରେ ଜାରି ରହିବା ପାଇଁ 3 ମାସ ମଧ୍ୟରେ ବିକଳ୍ପ ଦାଖଲ କରିବାକୁ କୁହାଯାଇଥିଲା । 2.7.1977 ତାରିଖରେ, ସରକାର ଉତ୍ତରଦାତା ସଂଖ୍ୟା 1 ଙ୍କ ସେବା 10.1.1975 ତାରିଖରୁ ସମାପ୍ତ କରିଥିଲେ, କାରଣ ସେ ସରକାରୀ ଚାକିରିରେ ଯୋଗଦେବା ପାଇଁ କୌଣସି ବିକଳ୍ପ ଦେଇ ନଥିଲେ ଏବଂ ଆବେଦନକାରୀମାନଙ୍କୁ ଉତ୍ତରଦାତା ସଂଖ୍ୟା 1ଙ୍କୁ 6.6.1972 ରୁ 9.1.1975 ପର୍ଯ୍ୟନ୍ତ ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତରଦାତା ସଂଖ୍ୟା 1, 1981 ମସିହାରେ 2.7.1977ରେ ତାଙ୍କୁ ଦିଆଯାଇଥିବା ସେବା ସମାପ୍ତି ଆଦେଶ ବିରୁଦ୍ଧରେ ନ୍ୟାୟାଧିକରଣରେ ଏକ ଦାବି ଆବେଦନ କରିଥିଲେ । 30.11.1987 ତାରିଖର ଆଦେଶ ଅନୁଯାୟୀ, ନ୍ୟାୟାଧିକରଣ ଦାବି ଆବେଦନକୁ ଅନୁମତି ଦେଇଥିଲେ । ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆଜ୍ଞାଦେଶ ଆବେଦନ ଦାଖଲ କରିବାରେ ବିଫଳ ହୋଇଥିଲେ । ତେଣୁ ବର୍ତ୍ତମାନର ଆବେଦନ ।**

**ଏହି ନ୍ୟାୟାଳୟ ଆବେଦନର ଫଏସଲା କରି,**

**ନିର୍ଣ୍ଣୟ କରିଥିଲେ :1.1. ଉତ୍ତରଦାତା ସଂଖ୍ୟା 1 ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁନଃନିଯୁକ୍ତି ପାଇଁ ହକଦାର ନୁହଁନ୍ତି କାରଣ ସେ ଅବସର ଗ୍ରହଣ କରିସାରିଛନ୍ତି ।[867- G]**

**1.2.ଉଭୟ ପକ୍ଷ ଏତେ ବର୍ଷ ଧରି ଅଦାଲତରେ ମକଦ୍ଦମା କରୁଛନ୍ତି । ତେଣୁ, ବିଳମ୍ବ ପାଇଁ ଉଭୟ ପକ୍ଷ ଦାୟୀ କରାଯାଇପାରିବ ନାହିଁ । ତେଣୁ, 'କାମ ନାହିଁ ଦରମା ନାହିଁ' ନୀତି ପ୍ରୟୋଗ କରି, ଦରମାର 50% ଉତ୍ତରଦାତା**

**ସଂଖ୍ୟା 1ଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ନ୍ୟାୟର ଲକ୍ଷ୍ୟ ପୂରଣ କରିବ । ତେଣୁ, ଆବେଦନକାରୀମାନଙ୍କୁ ଉତ୍ତରଦାତା ସଂଖ୍ୟା 1ଙ୍କୁ 30.11.1987 ରୁ ଅବସର ତାରିଖ ପର୍ଯ୍ୟନ୍ତ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସ୍ୱଷ୍ଟ କରାଯାଇଛି ଯେ ସେ ପରବର୍ତ୍ତୀ ପଦୋନ୍ନତି ଇତ୍ୟାଦି ପାଇଁ ଦରମା ଇତ୍ୟାଦି ଦାବି କରିପାରିବା ପାଇଁ ହକଦାର ନୁହଁନ୍ତି। ସରକାର ଏହା ମଧ୍ୟ ବିଚାର କରିପାରିବେ ଯେ ଉତ୍ତରଦାତା ସଂଖ୍ୟା 1 ଙ୍କୁ କୌଣସି ଅବସର ଭତ୍ତା ପ୍ରଦାନ କରାଯିବ କି ,କାରଣ କଲେଜଟି ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଛି । ସରକାରଙ୍କୁ ଏହା ବିଚାର କରିବାକୁ ଏବଂ ତଦନୁସାରେ ଉପଯୁକ୍ତ ଆଦେଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାର ଆଜିଠାରୁ ତିନି ମାସ ମଧ୍ୟରେ ଉତ୍ତରଦାତାଙ୍କୁ ଦରମା ପ୍ରଦାନ କରିବେ । ଉପରୋକ୍ତ ସମୟ ମଧ୍ୟରେ ଅବସର ଭତ୍ତା ପ୍ରଦାନ ପ୍ରଶ୍ନ ଉପରେ ମଧ୍ୟ ସରକାର ବିଚାର କରିପାରିବେ ।[867- C-F]**

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6527/2005 ।

W.P. ସଂଖ୍ୟା 3920 (S/B)/1989ରେ ଆହ୍ଲାବାଦ ଲକ୍ଷ୍ନୌ ବିଚାରପୀଠ ଥିବା ଉଚ୍ଚ ନ୍ୟାୟାଳୟର 7.4.2004 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ଜତିନ୍ଦର କୁମାର ଭାଟିଆଙ୍କ ପକ୍ଷରୁ ପ୍ରମୋଦ ସ୍ୱରୂପ ।

ଉତ୍ତରଦାତାଙ୍କ ପକ୍ଷରୁ ଓକିଲ ସୁଧୀର କୁଳଶ୍ରେଷ୍ଠ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡକ୍ଟର ଏ.ଆର୍. ଲକ୍ଷ୍ମଣନଙ୍କ ଦ୍ୱାରା,** ଉଭୟ ପକ୍ଷର ଯୁକ୍ତି ଶୁଣିଲେ ।

ଏହି ଆବେଦନ 07.04.2004 ରେ ଆଲାହାବାଦସ୍ଥିତ, ଲକ୍ଷ୍ନୌ ଉଚ୍ଚ ନ୍ୟାୟାଳୟଙ୍କ ଲକ୍ଷ୍ନୌ ବିଚାରପୀଠ ଦ୍ୱାରା ଆଜ୍ଞାଦେଶ ଆବେଦନ ସଂଖ୍ୟା 3920/1989ରେ ଦିଆଯାଇଥିବା ଚୂଡ଼ାନ୍ତ ରାୟ ଏବଂ ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ, ଯେଉଁଠାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏଠାରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନ ଖାରଜ କରିଛନ୍ତି । ପ୍ରଥମ ଆବେଦନକାରୀ ହେଉଛନ୍ତି ଆୟୁର୍ବେଦିକ କଲେଜ, ଜିଲ୍ଲା ପିଲିଭିତ (ଉତ୍ତରପ୍ରଦେଶ)ର ଅଧ୍ୟକ୍ଷ ଏବଂ ଦ୍ୱିତୀୟ ଆବେଦନକାରୀ ହେଉଛନ୍ତି ଆୟୁର୍ବେଦିକ ଏବଂ ୟୁନାନି ସେବା , ଲକ୍ଷ୍ନୌ (ୟୁ.ପି.)ର ନିର୍ଦ୍ଦେଶକ । ତୃତୀୟ ଆବେଦନକାରୀ ହେଉଛନ୍ତି ପିଲିଭିତ ଜିଲ୍ଲା ପିଲିଭିତ (ୟୁ.ପି.)ର ଜିଲ୍ଲାପାଳ ମାଧ୍ୟମରେ ୟୁ.ପି. ରାଜ୍ୟ । ଉତ୍ତରଦାତା ସଂଖ୍ୟା 1 କୁ ପିଲିଭିତ (ୟୁ.ପି.)ର ଲଳିତ ହରି ଆୟୁର୍ବେଦିକ କଲେଜରେ ବିଜ୍ଞାନ ପ୍ରଦର୍ଶକ ଭାବରେ ନିଯୁକ୍ତ କରାଯାଇଥିଲା ।1966 ମସିହାରେ, କଲେଜରେ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଗ୍ରହଣକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ଏହା ପରେ, ସମସ୍ତ ନିଯୁକ୍ତି ଏବଂ ଶିକ୍ଷକଙ୍କୁ ବହିଷ୍କାର କରିବା ଗ୍ରହଣକାରୀ ଅର୍ଥାତ୍ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା କରାଯିବା ଆବଶ୍ୟକ ଥିଲା । 19.11.1967ରେ, ଉତ୍ତରଦାତା ସଂଖ୍ୟା 1ଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଜ୍ଞାନ ବିଷୟର ଅଧ୍ୟାପକ ଭାବରେ ନିଯୁକ୍ତ କରାଯାଇଥିଲା । ସେ ଦୁଇ ବର୍ଷର ପରିବୀକ୍ଷା ସମାପ୍ତ କରିଥିଲେ ଏବଂ ବିଜ୍ଞାନ ବିଷୟର ଅଧ୍ୟାପକ ଭାବରେ ନିଶ୍ଚିତ ହୋଇଥିଲେ । 1971-1972 ମସିହାରେ

କଲେଜରେ ବିଜ୍ଞାନ ବିଭାଗ ବନ୍ଦ ହୋଇଯାଇଥିଲା ଏବଂ ପରବର୍ତ୍ତୀ ସମୟରେ, କଲେଜରେ ବିଜ୍ଞାନ ଅଧ୍ୟାପକ ପଦବୀ ମଧ୍ୟ ଉଚ୍ଛେଦ ହୋଇଯାଇଥିଲା ଏବଂ ଉତ୍ତରଦାତା ସଂଖ୍ୟା 1ଙ୍କୁ ଅତିରିକ୍ତ ଘୋଷଣା କରାଯାଇଥିଲା ।

ଉତ୍ତରଦାତା ସଂଖ୍ୟା 1ଙ୍କ ସେବା 06.06.1972 ତାରିଖର ଆଦେଶ ଅନୁଯାୟୀ ସମାପ୍ତ କରାଯାଇଥିଲା । ସେହି ସମୟରେ କଲେଜର ଅଧ୍ୟକ୍ଷ ଥିବା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଉତ୍ତରଦାତା ସଂଖ୍ୟା 1ଙ୍କୁ ସେବା ସମାପ୍ତି ଆଦେଶ ଦିଆଯାଇଥିଲା । 06.06.1972 ମସିହାରେ ସେବା ସମାପ୍ତି ଆଦେଶ ଜାରି କରାଯାଇଥିଲା । 06.06. 1972 ମସିହାର ସେବା ସମାପ୍ତି ଆଦେଶ ବିରୁଦ୍ଧରେ, ଉତ୍ତରଦାତା ସଂଖ୍ୟା 1, 28.08.1972 ମସିହାରେ ଏକ ଆବେଦନ କରିଥିଲେ ଏବଂ ସେହି ତାରିଖରେ ଉପ-କୁଳପତିଙ୍କ ଦ୍ୱାରା ଏହାକୁ ଅନୁମତି ଦିଆଯାଇଥିଲା । ଏହା ପରେ, ଉପ-କୁଳପତିଙ୍କ 28.08.1972 ତାରିଖର ଆଦେଶ ଏବଂ ସମସ୍ତ କାଗଜପତ୍ର 10.10.1974ରେ ବିଚାର ପାଇଁ ସରକାରଙ୍କ ନିକଟକୁ ପଠାଯାଇଥିଲା ।

ଉକ୍ତ କଲେଜକୁ ସରକାର ଅଧିସୂଚନା ସଂଖ୍ୟା 5915-Sec- 9/Five 470/72 ମାଧ୍ୟମରେ ଦଖଲ ଅଧିଗ୍ରହଣ କରିଥିଲେ । ଉକ୍ତ ଅଧିସୂଚନାରେ ଶିକ୍ଷକ ଏବଂ କର୍ମଚାରୀଙ୍କଠାରୁ ସରକାରୀ ସେବାରେ ଯୋଗଦାନ ପାଇଁ ବିକଳ୍ପ ପାଇବା ପାଇଁ ଏକ ଖଣ୍ଡ 7A ଥିଲା ଏବଂ ଯଦି ସମୟ ମଧ୍ୟରେ ବିକଳ୍ପ ଗ୍ରହଣ ନ କରାଯାଏ, ତେବେ ସେମାନଙ୍କର ସେବା ସମାପ୍ତ ହୋଇଯିବ । ଅନୁଚ୍ଛେଦ 7Bରେ, ସର୍ତ୍ତ ପୂରଣ କରିବାର ଦାୟିତ୍ୱ କର୍ମଚାରୀଙ୍କ ଉପରେ ରହିଛି ଅନ୍ୟଥା ପୂର୍ବ ଚାକିରିର ସେବା ଅବସର ଭତ୍ତା ଇତ୍ୟାଦି ପାଇଁ ଗଣନା କରାଯିବ ନାହିଁ । ବର୍ତ୍ତମାନର ମାମଲାରେ, ଆବେଦନକାରୀଙ୍କ ଅନୁଯାୟୀ, ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଏପରି କୌଣସି ବିକଳ୍ପ ଦିଆଯାଇନଥିଲା । ସରକାରୀ ଚାକିରିରେ ଯୋଗଦେବା ପାଇଁ କୌଣସି ବିକଳ୍ପ ଦେଇ ନଥିବାରୁ ଉତ୍ତରଦାତା ସଂଖ୍ୟା 1 ଙ୍କ ସେବା ପୁନର୍ବାର ସମାପ୍ତ କରାଯାଇଥିଲା ।

02.07.1977 ତାରିଖର ଆଦେଶ ଅନୁଯାୟୀ, ସରକାର ଉତ୍ତରଦାତା ସଂଖ୍ୟା 1ଙ୍କ ସେବା ସମାପ୍ତ କରିଥିଲେ କାରଣ ସେ ତାଙ୍କର ବିକଳ୍ପ ଦେଇ ନଥିଲେ ଏବଂ ଆବେଦନକାରୀମାନଙ୍କୁ 06.06.1972 ରୁ 09.01.1975 ପର୍ଯ୍ୟନ୍ତ ଉତ୍ତରଦାତା ସଂଖ୍ୟା 1 ଙ୍କୁ ଦେୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେବାl ସମାପ୍ତି ଆଦେଶକୁ ବାତିଲ କରାଯାଇଥିଲା ଏବଂ ଉତ୍ତରଦାତା ସଂଖ୍ୟା 1 ଙ୍କୁ 19.02.1979 ରେ 06.06.1972 ରୁ 09.01.1975 ପର୍ଯ୍ୟନ୍ତ ବକେୟା ଦରମା ପ୍ରଦାନ କରାଯାଇଥିଲା, ଯାହାର ପରିମାଣ 14, 901.50 ଟଙ୍କା ଥିଲା ।

ଉତ୍ତରଦାତା ସଂଖ୍ୟା 1, 1981 ରେ 02.07.1977ରେ ତାଙ୍କୁ ପଠାଯାଇଥିବା ସେବାl ସମାପ୍ତି ଆଦେଶ ବିରୁଦ୍ଧରେ ନ୍ୟାୟାଧିକରଣରେ ଏକ ଦାବି ଆବେଦନ କରିଥିଲେ । ଆବେଦନକାରୀମାନେ ଦାବିକୁ ଅସ୍ୱୀକାର କରି ଲିଖିତ ବୟାନ ଦାଖଲ କରିଥିଲେ । ନ୍ୟାୟାଧିକରଣ 30.11.1987 ତାରିଖର ଆଦେଶ ଅନୁଯାୟୀ ଦାବି ଆବେଦନକୁ ଅନୁମତି ଦେଇଥିଲେ, ଏହି ରାୟ ଦ୍ୱାରା ବ୍ୟଥିତ ହୋଇ, ଆବେଦନକାରୀ-ୟୁ.ପି. ରାଜ୍ୟ ଏକ ଆଜ୍ଞାଦେଶ ଆବେଦନ ସଂଖ୍ୟା 3920/1989 ଦାୟର କରିଥିଲେ, ଯାହାକୁ ଉତ୍ତରଦାତା ସଂଖ୍ୟା 1ଙ୍କ ଦ୍ୱାରା ବିରୋଧ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଦ୍ୱାରା 04.04.1997 ରେ ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯାଇଥିଲା । ଉତ୍ତରଦାତା ସଂଖ୍ୟା 1 SLP ( C) ସଂଖ୍ୟା 1668/1989 ଦାଖଲ କରିଥିଲେ ଏବଂ ଏହି ନ୍ୟାୟାଳୟ

16.10.1998ରେ ମାମଲାଟିକୁ ପୁନଃବିଚାର ପାଇଁ ଫେରାଇ ଦେଇଥିଲେ । ଏହି ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶର ଶେଷ ଅଂଶ ନିମ୍ନଲିଖିତ ଭାବରେ ପୁନଃ ଉଦ୍ଧାପିତ କରାଯାଇଛି :-

> "ଉଚ୍ଚ ନ୍ୟାୟାଳୟର ଆଦେଶ ସଂକ୍ଷିପ୍ତ ଏବଂ କୌଣସି କାରଣ ଦର୍ଶାଏ ନାହିଁ । ପ୍ରକୃତରେ, ଏହି ମାମଲାକୁ ଏକ ତ୍ୱରିତ ଭାବରେ ଫଏସଲା କରାଯାଇଛି ଯାହା ଉଚ୍ଚ ନ୍ୟାୟାଳୟର ଆଶା କରାଯାଇଥିବା ନ୍ୟାୟିକ ଆଭିମୁଖ୍ୟର ପୂର୍ବବର୍ତ୍ତୀ ନୁହେଁ । ଫଳସ୍ୱରୂପ, ଆବେଦନଗୁଡ଼ିକୁ ଅନୁମତି କରାଯାଇଛି, ଆଜ୍ଞାଦେଶ ଆବେଦନ (C) ସଂଖ୍ୟା 3920/89 ରେ 04.04.1997 ରେ ଦିଆଯାଇଥିବା ରାୟ ଏବଂ ଆଦେଶ ଏବଂ W.P. (C) ସଂଖ୍ୟା 3920/89 ରେ C.M. ଆବେଦନ ସଂଖ୍ୟା 11204 (W) ରେ 13.10.1997 ରେ ଦିଆଯାଇଥିବା ଆଦେଶକୁ ରଦ୍ଦ କରାଯାଇଛି ଏବଂ ଆଇନ ଅନୁଯାୟୀ ମାମଲାଗୁଡ଼ିକୁ ନୂତନ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି । ତଥାପି, ଏହା ସ୍ପଷ୍ଟ କରାଯାଇଛି ଯେ ନ୍ୟାୟାଧିକରଣର ରାୟ ତାରିଖ ପର୍ଯ୍ୟନ୍ତ ସେବା ସମାପ୍ତ ହୋଇଥିବା ତାରିଖରୁ ଗଣନା କରାଯାଇଥିବା ଅବଧି ପାଇଁ ଦରମା, ତିନି ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରାଯିବ ।"ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ରହିବ ନାହିଁ ।"

ପୁନଃପ୍ରେରଣ ପରେ, ଉଚ୍ଚ ନ୍ୟାୟାଳୟ ପୁନର୍ବାର 07.04.2004 ରେ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଇଥିଲେ । ଉକ୍ତ ଆଦେଶରେ ବ୍ୟଥିତ ହୋଇ, ଆବେଦନକାରୀମାନେ ବିଶେଷ ଅନୁମତି ଆବେଦନ ଦାଖଲ କରି ଏହି ନ୍ୟାୟାଳୟକୁ ଆସିଛନ୍ତି । 24.10.2005 ରେ ପ୍ରାର୍ଥନା ମଞ୍ଜୁର କରାଯାଇଥିଲା । ଏହି ନ୍ୟାୟାଳୟ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ମଧ୍ୟ ସ୍ଥଗିତ ରଖିଛନ୍ତି ।

ଆମେ ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ପକ୍ଷରୁ ବିଦ୍ୱାନ ଅଧିବକ୍ତାଙ୍କୁ ଉପସ୍ଥିତ ଥିବା ଶୁଣିଛୁ ।

ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ପ୍ରମୋଦ ସ୍ୱରୂପ ଉପସ୍ଥାପନ କରିଥିଲେ ଯେ ନ୍ୟାୟାଧିକରଣରେ ଦାବି ଆବେଦନ ଦାଖଲ କରିବାରେ ଚାରିରୁ ପାଞ୍ଚ ବର୍ଷ ବିଳମ୍ବକୁ କ୍ଷମା କରିବା ପାଇଁ ନିବେଦନର ବିଚାର ଏକ ବୈଧ କାରଣ ନୁହେଁ ଏବଂ ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ବିଚାର କରିନାହାଁନ୍ତି ଯେ କଲେଜଟି 10.10.1974 ରେ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିଲା ଏବଂ ସୂଚନା ସରକାରୀ ରାଜପତ୍ରରେ ପ୍ରକାଶିତ ହୋଇଥିଲା ଏବଂ ତେଣୁ, ଉତ୍ତରଦାତା ସଂଖ୍ୟା 1 ଙ୍କୁ ସରକାରଙ୍କ ଦ୍ୱାରା କଲେଜରେ ଅଧିଗ୍ରହଣ କରିବା ଏବଂ ବିକଳ୍ପ ବ୍ୟବହାର କରିବାର ଆବଶ୍ୟକତା ବିଷୟରେ ଜ୍ଞାନ ଥିବା ମନେ କରାଯିବ । ସେ ଆହୁରି ମଧ୍ୟ ଉପସ୍ଥାପନ କରିଛନ୍ତି ଯେ ଉଚ୍ଚ ନ୍ୟାୟାଳୟ ସମୟ ମଧ୍ୟରେ ଦାବି ଦାଖଲ କରିବାରେ ତ୍ରୁଟି କରିଛନ୍ତି, ଯଦିଓ ନଥିରେ ଥିବା ତଥ୍ୟ ହେଉଛି ଯେ କାର୍ଯ୍ୟାନୁଷ୍ଠାନର କାରଣ ଉତ୍ତରଦାତା ସଂଖ୍ୟା । ଉପରେ 02.07.1977 ରେ 10.10.1975 ରୁ ତାଙ୍କ ସେବା ସମାପ୍ତ ହେବା ସମୟରେ ଆସୁଥିଲା । ତଥାପି, ଏହା ଲକ୍ଷ୍ୟ କରିବା ପ୍ରାସଙ୍ଗିକ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ସୀମା ଆବେଦନ ପାଇଁ ଆବେଦନ କରାଯାଇନାହିଁ । ଏହା ବ୍ୟତୀତ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ସୀମା ପ୍ରସଙ୍ଗରେ କୌଣସି ନିର୍ଣ୍ଣୟ ନାହିଁ । ତାଙ୍କର ଯୁକ୍ତି ଶେଷ କରି, ଶ୍ରୀ ପ୍ରମୋଦ ସ୍ୱରୂପ ଉପସ୍ଥାପନ କରିଛନ୍ତି ଯେ ଉତ୍ତରଦାତା ସଂଖ୍ୟା 1 କୌଣସି କାମ ନକରି ସେବା ସମାପ୍ତି ତାରିଖରୁ 30.11.1987 ପର୍ଯ୍ୟନ୍ତ ସମଗ୍ର ସମୟ ପାଇଁ ଦରମା ପାଇସାରିଛନ୍ତି ଏବଂ ତେଣୁ, ଯଦି ନ୍ୟାୟାଧିକରଣର ଆଦେଶ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ

କରାଯାଇଥିବା ଅନୁସାରେ ବର୍ତ୍ତମାନ କାର୍ଯ୍ୟକାରୀ ହୁଏ, ତେବେ ଆବେଦନକାରୀ/ରାଜ୍ୟ ସରକାରଙ୍କୁ ଏଠାରେ ଉତ୍ତରଦାତାଙ୍କଠାରୁ କୌଣସି କାମ ଆଦାୟ ନକରି ଉତ୍ତରଦାତାଙ୍କୁ ଦରମା ଭାବରେ ଲକ୍ଷ ଲକ୍ଷ ଟଙ୍କା ଦେବାକୁ ପଡିବ ।

ଏହା ସତ୍ୟ ଯେ ଉଭୟ ପକ୍ଷ ଏତେ ବର୍ଷ ଧରି ନ୍ୟାୟାଳୟରେ ମକଦ୍ଦମା କରୁଛନ୍ତି । ତେଣୁ, ବିଳମ୍ବ ପାଇଁ ଉଭୟ ପକ୍ଷ ଦାୟୀ ହୋଇପାରିବେ ନାହିଁ । ତେଣୁ, 'କାମ ନାହିଁ ଦରମା ନାହିଁ' ନୀତି ପ୍ରୟୋଗ କରି, ଆମେ ମତ ଦେଉଛୁ ଯେ ଦରମାର 50% ଉତ୍ତରଦାତା ସଂଖ୍ୟା 1ଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଗଲେ ତାହା ନ୍ୟାୟର ଲକ୍ଷ୍ୟ ପୂରଣ କରିବ । ତେଣୁ, ଆମେ ଆବେଦନକାରୀଙ୍କୁ ଉତ୍ତରଦାତା ସଂଖ୍ୟା 1ଙ୍କୁ 30.11.1987 ରୁ ଅବସର ତାରିଖ ପର୍ଯ୍ୟନ୍ତ ଦରମା (ସଠିକ ତାରିଖ ଜଣା ନାହିଁ) ଦେବାକୁ ନିର୍ଦ୍ଦେଶ ଦେଉଛୁ ।

ଆମେ ଏହା ମଧ୍ୟ ସ୍ପଷ୍ଟ କରୁଛୁ ଯେ ଉତ୍ତରଦାତା ସଂଖ୍ୟା 1, ସମ୍ପୃକ୍ତ ସମୟ ମଧ୍ୟରେ ଅଧ୍ୟାପକଙ୍କ ଦରମା ପାଇବାକୁ ହକଦାର ହେବେ । ତଥାପି ଆମେ ଏହା ମଧ୍ୟ ସ୍ପଷ୍ଟ କରୁଛୁ ଯେ ସେ ପରବର୍ତ୍ତୀ ପଦୋନ୍ନତି ଇତ୍ୟାଦି ପାଇଁ ଦରମା ଇତ୍ୟାଦି ଦାବି କରିବାକୁ ହକଦାର ହେବେ ନାହିଁ । ସରକାର ଏହା ମଧ୍ୟ ବିଚାର କରିପାରିବେ ଯେ ଉତ୍ତରଦାତା ସଂଖ୍ୟା 1ଙ୍କୁ କୌଣସି ଅବସର ଭତ୍ତା ପ୍ରଦାନ କରାଯିବ କି ନାହିଁ କାରଣ କଲେଜଟି ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଛି । ସରକାରଙ୍କୁ ଏହା ବିଚାର କରିବାକୁ ଏବଂ ତଦନୁସାରେ ଉପଯୁକ୍ତ ନିର୍ଦ୍ଦେଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସରକାର ଆଜିଠାରୁ ତିନି ମାସ ମଧ୍ୟରେ ଉତ୍ତରଦାତାଙ୍କୁ ଦରମା ଦେବେ ।  ଉପରୋକ୍ତ ଅବଧି ମଧ୍ୟରେ ଅବସର ଭତ୍ତା ପ୍ରଦାନ ପ୍ରଶ୍ନ ଉପରେ ମଧ୍ୟ ସରକାର ବିଚାର କରିପାରିବେ । ସେ ଅବସର ଗ୍ରହଣ କରିସାରିଥିବାରୁ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁନଃନିଯୁକ୍ତି ପାଇଁ ହକଦାର ନୁହଁନ୍ତି ।

ଉପରୋକ୍ତ ସର୍ତ୍ତାବଳୀରେ ଆବେଦନଟିର ଫଏସଲା କରାଯାଇଛି । ଏଠାରେ ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ ରହିବ ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିବା ନ୍ୟାୟାଧିକରଣ ଦ୍ୱାରା ପ୍ରଦାନ କରାଯାଇଥିବା ଆଦେଶକୁ ସେହି ଅନୁଯାୟୀ ସଂଶୋଧନ କରାଯାଇଛି ।

ଡି.ଜି.  ଆବେଦନର ଫଏସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।